# ଜୟଗୁରୁ
## ନୀଳାଚଳ ସାରସ୍ୱତ ସଂଘ, ପୁରୀ
## ଶାଖା - ଆମେରିକା ସାରସ୍ୱତ ସଂଘ
### ପଞ୍ଚମ ବାର୍ଷିକ ଅଧିବେଶନର କାର୍ଯ୍ୟସୂଚୀ

ତାରିଖ - ୦୧-୧୧-୦୯ ସମୟ -୦୭:୦୦-୧୧:୩୫ (ET) / ୧୨:୦୦-୧୬:୩୫ (GMT) ୧୭:୩୦-୨୨:୦୫ (IST) ପାଳିଆ - ବିଜୟ ଭାଇ

***Phone Number – (218) 936-1100, Access Code: 62719#, Backup Number – (218) 936-1200, Access code: 52924878***

| Time (ET) | ପ୍ରଥମ ଅଧିବେଶନ (ସକାଳ ୭:୦୦ ରୁ ୮:୩୮) | First session (7:00am - 8:38am) |
|---|---|---|
| 7:00 – 7:30 | ଜାଗରଣ (ଆଜି ଏ ଶୁଭ ପ୍ରଭାତେ, କଣ୍ଠ ଭରି) ନିବେଦିତା ମା' | Jagarana (Aaji e subha Prabhate) Nibedita Maa |
| | ପ୍ରତୀକ୍ଷା (ଏ ଶୁଭଲଗନେ ମୃଦୁ ବାତାୟନେ) ସ୍ମିତା ବାଇ ମା' | Pratiksha (E subha lagane mrudu) Smita Bai Maa |
| | ଆବାହନ (ବଜାଅ ଶଙ୍ଖ ମହୁରୀ) ଜ୍ଞାନ ଭାଇ | Aabahana (Baja a Sankha Mahuri) Gyan Bhai |
| | ଆବାହନ (ଗୁରୁ ନାରାୟଣ କୃପା କରି) ବୃନ୍ଦାବନ ଭାଇ | Aabahana (Guru Narayana Krupa) Brundaban Bhai |
| 7:30 – 7:45 | ଆରତି ବିଜୟ ଭାଇ | Aarati Bijoy Bhai |
| 7:45 – 8:10 | ବନ୍ଦନା (ବନ୍ଦେ ଶ୍ରୀଗୁରୁ), ସ୍ତୋତ୍ର ବନ୍ଦନା ବୃନ୍ଦାବନ ଭାଇ | Bande Shreeguru, Stotra Bandana Brundaban Bhai |
| 8:10 – 8:20 | ପରିଚୟ ପତ୍ର, ସମ୍ମିଳନୀ ପ୍ରାର୍ଥନା ଓ ଆସନ ମନ୍ଦିର ନିର୍ମାଣ ପାଇଁ ପ୍ରାର୍ଥନା ବିଜୟ ଭାଇ | Parichaya Patra, Sammilani & Aasana Mandira Prarthana Bijoy Bhai |
| 8:20 – 8:30 | ନିରାଜନା ୨୨ ପ୍ରଭାକର ଭାଇ | Nirajana 22 Prabhakar Bhai |
| 8:30 – 8:31 | ଶ୍ରୀ ଶ୍ରୀ ଗୁରୁଗୀତା (ଶ୍ଳୋକ ୬୧) ବିଶ୍ୱଜିତ୍ ଭାଇ | Shri Shri GuruGeeta (Verse 61) Biswajit Bhai |
| 8:31 – 8:35 | ଉପଦେଶ (ନବବର୍ଷରେ) ବିଜୟ ଭାଇ | Upadesha (Naba Barshare) Bijoy Bhai |
| 8:35 – 8:36 | ପରପୂଜା ନିମନ୍ତ୍ରଣ ବିଜୟ ଭାଇ | Invitation for the next session Bijoy Bhai |
| 8:36 – 8:38 | ଜୟଗୁରୁ ନାମ କୀର୍ତ୍ତନ, ପ୍ରଣାମ ଓ ଆସନ ବନ୍ଦ | Jayaguru nama kirtana and closing of aasana |

| Time (ET) | ଦ୍ୱିତୀୟ ଅଧିବେଶନ (ସକାଳ ୯:୧୫ - ୧୧:୩୫) | Second session (9:15am – 11:35pm) |
|---|---|---|
| 9:15 – 9:30 | ଆବାହନ (ମିଳନ ମନ୍ଦିରେ ମୋର) ଶିବାନୀ ମ· ମା' | Aabahana (Milana Mandire Mora) Sibani M. Maa |
| | ଆବାହନ (ଆବାହନ କରୁଛି ଆଜି) ଲିନା ମା' | Aabahana (Aabahana karuchhi) Leena Maa |
| 9:30 – 9:32 | ପ୍ରଣାମ ଗାନ ପରେ ପରଦା ଉନ୍ମୋଚନ | Pranama and opening of the curtain |
| 9:32 – 9:40 | ସଂଗୀତ (ଦେବ, ବନ୍ଦନା ଘେନା କର) ଜ୍ଞାନ ଭାଇ | Song (Deba, Bandana Ghena Kara) Gyan Bhai |
| 9:40 – 10:10 | ଆଲୋଚନା ପ୍ରମୋଦ ଭାଇ | Book Reading and Discussion Pramod Bhai |
| 10:10 – 10:20 | ବାର୍ଷିକ ବିବରଣୀ ଜ୍ଞାନ ଭାଇ | Annual Report Gyan Bhai |
| 10:20 –10:30 | ସଂଗୀତ (ଏକ ଲକ୍ଷ୍ୟେ ଏକ ବାକ୍ୟେ) ବୃନ୍ଦାବନ ଭାଇ | Songs (Eka lakhe eka bakye) Brundaban Bhai |
| 10:30 – 10:50 | ପୁସ୍ତକ ପାଠ | Book reading |
| 10:50 –11:20 | ଭାବ ବିନିମୟ | Bhaaba Binimaya |
| 11:20 –11:22 | ଆସନ୍ତା ସଂଘପୂଜା ପାଇଁ ନିମନ୍ତ୍ରଣ (୧-୧୮-୦୯) ଅଶ୍ୱିନୀ ଭାଇ | Invitation for the next puja (1-18-09) Ashwini Bhai |
| 11:22 –11:24 | ତ୍ରୁଟି ବିଚ୍ୟୁତି ପାଇଁ କ୍ଷମା ପ୍ରାର୍ଥନା ବିଜୟ ଭାଇ | Truti Bichyuti Bijoy Bhai |
| 11:24 –11:30 | ବିଦାୟ ପ୍ରାର୍ଥନା ଜ୍ଞାନ ଭାଇ | Last Song Gyan Bhai |
| 11:30 –11:32 | ଜୟଗୁରୁ ନାମ କୀର୍ତ୍ତନ ଓ ଆସନ ବନ୍ଦ | Jayaguru naama kirtana and closing of aasana |
| 11:32 –11:35 | ସଂଘସେବୀଙ୍କର ଉପସ୍ଥାନ ଜ୍ଞାନ ଭାଇ | Attendance Gyan Bhai |

## ଆଜି ଏ ଶୁଭ ପ୍ରଭାତେ, କଣ୍ଠ ଭରି

ଆଜି ଏ ଶୁଭ ପ୍ରଭାତେ, କଣ୍ଠ ଭରି
ଗାଅରେ ସରବେ ମିଳି, ସୁଧା ନାମଟି ତାହାରି (କଣ୍ଠ ଭରି) ।୦।
କାମନା ବାସନା ଯେତେ
ଭସାଇ ସଲୀଳ ସ୍ରୋତେ
ଡାକ ତୁ ଅନ୍ତରଗତେ, ସେ ନାମ ସୁମରି ।୧।
ତୋଳି ମାନସ କୁସୁମ
ଗୁନ୍ଥି ହାର ଅନୁପମ
କଞ୍ଜ ନିନ୍ଦି ପଦେ ତାର, ଭେଟ ମାୟା ଭୁଲି ।୨।
ଶୁଣ କାନ, ମନ ଦେଇ
ଏ କି ଶବଦ ଶୁଭଇ
ଗଗନ, ପବନ, ଜଳ, କାନନ ସଞ୍ଚରି ।୩।
ରବିରେ ତେଜ ଝଲସେ
ଶଶିରେ କର ବିଳସେ
ଚଉଦିଗେ ଛବି ତାର ରହିଛି ତ ପୁରି ।୪।
ତା ବିନା ନାହିଁ କେ ଗତି
ତା ବିନେ ନାହିଁ ମୁକତି
ପଲକେ ହେଲେ ମନରୁ, ନ ଦିଅ ପାଶୋରି ।୫।

## ବଜାଅ ଶଙ୍ଖ ମହୁରୀ

ବଜାଅ ଶଙ୍ଖ ମହୁରୀ ବିଜୟ କାହାଳୀ ଲୋ ସଜନୀ ଦିଅ ହୁଳହୁଳି
ଆସିଛନ୍ତି ଭକତଙ୍କ ଜୀବନ ସଞ୍ଜୀଳି ଲୋ ସଜନୀ ଦିଅ ହୁଳହୁଳି ।୦।

ଯତନେ ସଜାଡ ଅରଚନା ଥାଳି ସଜାଅ ରତ୍ନ ପଲଙ୍କ
ହୃଦୟ ମନ୍ଦିରେ ବିଜେ ପ୍ରିୟତମ ଧିଆନରେ ଥରେ ଦେଖ
ଧୋଇଦିଅ ପାଦପଦ୍ମ ନେତ୍ର ନୀର ଢାଳି ଲୋ ସଜନୀ ।୧।

ପଣତରେ ପୋଛି ବୋଳି ଦିଅ ଅଙ୍ଗେ ଅଗୁରୁ ଚୁଆ ଚନ୍ଦନ
ମନ ଫୁଲହାର ମଣ୍ଡି ଦିଅ ଗଳେ ଚରଣ କର ବନ୍ଦନ
ଭେଟି ଦିଅ ଭକତିରେ କୁସୁମ ଅଞ୍ଜଳି ଲୋ ସଜନୀ ।୨।

ଆଦରେ ନିବେଦି ଧୂପ ନଇବେଦ୍ୟ ଭୁଞ୍ଜାଅ ଜନନୀ ପରି
ଭକତ ଭାବରେ ବନ୍ଧା ସେ ଠାକୁର ଲୋଡା ଖାଲି ଆଖିବାରି
ତୋଷ ଭବରସିଆଙ୍କୁ ଅଶ୍ରୁ ଅର୍ଘ୍ୟ ଢାଳି ଲୋ ସଜନୀ ।୩।

ମଧୁର ସଂଗୀତ ଗାଆ ଲୋ ସଜନୀ ମୃଦଙ୍ଗ ମଞ୍ଜିରା ବାଇ
ପ୍ରେମର ତରଙ୍ଗେ ଭାସିଚାଲ ସର୍ବେ ସାରା ଜଗତ ଭସାଇ
ଗୁରୁନାମ ଗାଇ ଗାଇ ନାଚ ଢଳି ଢଳି ଲୋ ସଜନୀ ।୪।

## ଏ ଶୁଭଲଗନେ ମୃଦୁ ବାତାୟନେ

ଏ ଶୁଭଲଗନେ ମୃଦୁ ବାତାୟନେ ଭକ୍ତି-ଉଦ୍‌ବେଳିତ ପ୍ରାଣେ
ଶୁଦ୍ଧ ଗବ୍ୟଘୃତ ବର୍ତ୍ତିକାସଂଯୁକ୍ତ ପ୍ରଦୀପ ଜାଳି ଯତନେ
ନାଚି ନାଚି ଆସ ଗୃହୀ-ସନ୍ନ୍ୟାସୀ
ଗୁରୁ-ପାଦପଦ୍ମେ ମନ ନିବେଶି ।୧।
ପୂଜିବା ଚରଣ ହୃଦ-ପ୍ରେମରତ୍ନ ହୃଦ-ସରସୀଜାସନେ
ଗଚ୍ଛିଧନ କରି ସାଇତି ରଖିବା ହୃଦୟ ନିଭୃତକୋଣେ
(ସେ ଯେ) ଶରେଣ୍ୟ ବରେଣ୍ୟ ସିଦ୍ଧ ଶଙ୍କର
ଅଗତିର ଗତି କ୍ଷମା-ସାଗର ।୨।
ଦିଅ କରତାଳି ଉଚ୍ଚେ ହୁଳହୁଳି ବୋଲି 'ଜୟଗୁରୁ' ଗାନେ
ଭୂ, ବ୍ୟୋମ, ପାତାଳ ପ୍ରକଂପିତ ହେଉ ମହୋଲ୍ଲାସେ ସେ ନିଃସ୍ୱନେ
ବୀଣା ବାଜୁ ଏବେ ସପତ ସୁରେ
ଛତିଶ ରାଗିଣୀ ଛଅ ରାଗରେ ।୩।
ସାରସ, ଋଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ ତାନେ
ନିଷାଦର ଗୁରୁଗମ୍ଭୀର ନିଃସ୍ୱନ ମିଶିଯାଉ ସେହି ସ୍ୱନେ
ଝଲମଲ ଦିଶେ ପ୍ରଦୀପ ତାର
ଝଳି ଫୁଟେ ଦିବ୍ୟ ସୁତନୁବର ।୪।
ପଞ୍ଚଜ୍ଞାନେନ୍ଦ୍ରିୟ ସହ ମନ ଠୁଳ କର ତାଙ୍କ ଶ୍ରୀଚରଣେ
ପାପ-ତାପ ଅସ୍ତମିତ ହେଉ ତବ କରୁଣା-କଟାରୀ ଦାନେ
ଜୟଗୁରୁ, ଜୟଗୁରୁ; ଜୟ ହେ ନିଗମ ସୁରତରୁ
ଭକତ ଶିଷ୍ୟଙ୍କ କଳ୍ପତରୁ, ବିବେକବନ୍ତର ଜ୍ଞାନୀଗୁରୁ,
ସାରସ୍ୱତ ସଂଘ-କଳ୍ପତରୁ ।୫।

## ଗୁରୁ ନାରାୟଣ କୃପା କରି

ଗୁରୁ ନାରାୟଣ କୃପା କରି ଆସିଛନ୍ତି ଆଜି ଅବତରି
ଦେଖିବାକୁ ସଂଘ ମଧୁ ମହୋତ୍ସବ କୁସୁମ ଆସନେ ନିଅ ବରି ।୦।
ଧୋଇଦିଅ ନୀରେ ଚରଣ ଯୁଗଳ
ଚାମରରେ କର ତନୁ ସୁଶୀତଳ
ଧରି ବନମାଳା ମଣ୍ଡିଦିଅ ଗଳା ମଥା ଦିଅ ପାଦେ ନତ କରି ।୧।
ଧୂପ ନଇବେଦ୍ୟ ଦେଇ ଚରଣରେ
ଅମୋଦିତ କର ଅଗୁରୁ ଗନ୍ଧରେ
ଆବାହନ କରି ଗାଅ ଜୟ ଗୀତି ରତନ ପ୍ରଦୀପ ହାତେ ଧରି ।୨।
ସତ୍ୟ ଶିବ ଚିର ଚିନ୍ମୟ ସୁନ୍ଦର
ଚୈତନ୍ୟ ଶାଶ୍ୱତ ବେଦାନ୍ତ ଭାସ୍କର
ସର୍ବ ମୂଳାଧାର କରୁଣା ସାଗର କରୁଣା କରିବେ କୃପା କରି ।୩।
ସଂସାର ଜଞ୍ଜାଳେ ବିଷୟ ବିହ୍ୱଳେ
ଭାସୁ ଅଛୁ ଚିର ଅଥଳ ଜଳରେ
ମଙ୍ଗୁଆଳ ହୋଇ ବାହି ନେଇଯିବେ କୂଳେ ପହଞ୍ଚିବ ଆସ ତରି ।୪।

## ମିଳନ ମନ୍ଦିରେ ମୋର

ମିଳନ ମନ୍ଦିରେ ମୋର
ଆଶାପଥ ଚାହିଁ ବସିଛି ମୁଁ କେବେ ଆସିବେ ଗୋ ମନଚୋର ।୦।
ଯୁଗ ଯୁଗ ଧରି କେତେ ମୁଁ ବନ୍ଦିଛି
କେତେ ଯେ ହସିଛି କେତେ ଯେ କାନ୍ଦିଛି
ତନୁ ମଳିନତା କେତେ ଯେ ପୋଛିଛି ନୀରବ ନୟନ ଧାର ।୧।
ସାଜିଲି ଶେଜ ମୁଁ ବେଦୀପରେ କେତେ
ଅଗଣାରେ କାନି ପାତିଲି ଏକାନ୍ତେ
ତୁମ ଚଲାପଦରଜ ବୋଲି ହୋଇ ପୂତ ହେବ ଏ ଶରୀର ।୨।
ରତନ ପ୍ରଦୀପ ଜାଳି ମୁଁ ରଖିଲି
ହେମ ଘଟେ ନଇବେଦ୍ୟ ସଜାଡିଲି
ନିରିଜନେ କେତେ ସାଇତି ରଖିଲି ନିରାଜନା ଉପଚାର ।୩।
ଗାଇବି ବୋଲି ମୁଁ ତବ ପ୍ରୀତି ଗୀତି
ବୀଣା ତାର କଲି ସୁରରେ ସଙ୍ଗତି
ସବୁ ସରାଗ ମୋ ମନ ବେଦନାରେ ହେଲା ଖାଲି ନାରଖାର ।୪।
ଏକା ଯେବେ କରି ରଖିବ ଜୀବନେ
ଦେଖାଦେବ ନାହିଁ ଅଛି ସତେ ମନେ
ଦୂରେ ଥିଲେ ଥାଅ, ଭରି ରଖ ତବ ସ୍ମୃତିରେ ମୋର ଅନ୍ତର ।୫।

## ବିଦାୟ ବେଳାରେ

ବିଦାୟ ବେଳାରେ ଆଜି ପ୍ରିୟ ପଦ ତଳେ
ବେଦନା ବିଧୁର ପ୍ରାଣେ ପ୍ରଣତି ମୋ ଢାଳେ ।୧।
ପୀରତି ପରଶ ପାଇଥିଲି ଏତେ କ୍ଷଣ
ପାଶୋରି ଥିଲି ମନରୁ ତ୍ରିତାପ ଦହନ ।୨।
ଏ ପ୍ରେମ ମିଳନ ପିଠ ଛାଡି ଯିବାପାଇଁ
ସଂସାର ଡାକଇ ଏବେ ତୁହାଇ ତୁହାଇ ।୩।
ଏତେ ପ୍ରେମ ଏତେ ସୁଖ ଛାଡି ମୁଁ କିପରି
ବିଷୟ ସଂସାରେ ଯିବି ତୁମ ସ୍ମୃତି ଧରି ।୪।
ଯେବେ ଯିବି ସେ ସଂସାରେ କରେ ପଦେ ଅଳି
ଲାଖି ରହୁ ମୋ ଆଖିରେ ତୁମ ରୂପ ଶିରୀ ।୫।
ତୁମକୁ ମୂଳରେ ରଖି କରମ କରିବି
ତୁମରି ସଂସାରେ ରହି ସଂସାର କରିବି ।୬।
ଦୁନିଆର ଝଞ୍ଜା ଯେବେ ଆସିବ ଘନାଇ
ନ ଛାଡିବି ତୁମ ପାଦ ଜୟଗୁରୁ ଗାଇ ।୭।
ବିଷୟ ବିଷକୁ ଯେବେ ଏ ମନ ଧାଇଁବ
ତୁମେ ଦେଖୁଅଛ ବୋଲି ପରାଣ ବାରିବ ।୮।
ତୁମ ପାଶେ ଆସିବାକୁ ଗଣୁଥିବି ଦିନ
ତୁମ ଡାକରାକୁ ସଜ ହୋଇଥିବ ମନ ।୯।
ସକଳ ତ୍ରୁଟି ମୋହର କରି ମାରଜନ
ଦୀନନାଥ ତୁମ ପ୍ରେମେ କର ନିମଗନ ।୧୦।

## ବନ୍ଦନା ଘେନା କର

ଦେବ, ବନ୍ଦନା ଘେନା କର
ଆଜି ଏହି ଶୁଭ ମିଳନ ବାସରେ
ପ୍ରଣତି ଘେନ ଦାସର ।୦।
ମୁନି ଋଷି ବନ୍ଦ୍ୟ ସେ ପଦ-କମଳ
କେତେ ସୁକୋମଳ କାନ୍ତି ସୁମଞ୍ଜୁଳ
ଦେବତା ଗନ୍ଧର୍ବେ ସର୍ବେ ଆଜି ଠୁଳ
ବନ୍ଦିବାକୁ ସେ ପୟର ।୧।
ହୃଦୟ ପଦ୍ମେ ଶତଦଳ ପରେ
ଫୁଟି ଉଠିଅଛି ଜ୍ୟୋତି ପାରାବାରେ
ଧନ୍ୟ ହେଲା ଆଖି ହେରି ତବ ରୂପ
ଆହା ସତେ କି ମଧୁର ! ।୨।
ବନ୍ଦଇ ଆଜି ନିଖିଳ ଭୁବନ
ଶୁଭେ ବନ୍ଦନାର ସୁମଧୁର ତାନ
ଅପରୂପ ସାଜେ ସାଜିଛି ଧରଣୀ
ଘେନ ବନ୍ଦନ ତାର ।୩।
ବାଜି ଉଠୁଅଛି ମଙ୍ଗଳ ମହୁରୀ
ଶଙ୍ଖ ହୁଳହୁଳି ପଡୁଛି ଉଛୁଳି
'ଜୟଗୁରୁ' ନାମେ ଦିଗ ନିନାଦିତ
ନୁଆଁଉଛୁ ପଦେ ଶିର ।୪।

## ଆବାହନ କରୁଛି ଆଜି

ଆବାହନ କରୁଛି ଆଜି
ବିଜେକର ବିଶ୍ୱରୂପ ବିଶ୍ୱସିଂହାସନ ତେଜି ।୦।

ସଂଘପୂଜା ମଣ୍ଡପରେ ବସ ଭକ୍ତ ଗହଣରେ
ଦେଖିବୁ ନୟନ ଭରି ଅପରୂପ ରୂପ ରାଜି ।୧।

ତୁମରି ଦର୍ଶନ ପାଇଁ ଆସିଛୁ ସରବେ ଧାଇଁ
ଶୁଣି ଉପଦେଶ ତବ ମନ ପ୍ରାଣ ଯିବ ମଜ୍ଜି ।୨।

ସୁଗନ୍ଧ କୁସୁମ ମାନ ଗୁଚ୍ଛିମାଳ ଅନୁପମ
ରଖିଛୁ କରି ଯତନ ଦେବୁ ବର ବପୁ ସାଜି ।୩।

ଦେଇ ନାନା ଉପହାର ପୂଜିବୁ ରଂଗ ପୟର
ଶୁଣିବୁ ଲୀଳା କାହାଣୀ ଆନ ସକଳ ବରଜି ।୪।

ସୁମଧୁର ଗୀତ ଗାଇ ତୋଷିବୁ ପରାଣ ସାଇଁ
ତୁମ କରୁଣା ସାଗରେ ଯିବାକୁ ସରବେ ହଜି ।୫।

# ଏକ ଲକ୍ଷ୍ୟେ ଏକ ବାକ୍ୟେ

ଏକ ଲକ୍ଷ୍ୟେ ଏକ ବାକ୍ୟେ ଏକ ହୁଅ ଭାଇ !
ଧନ୍ୟ ହୁଅ ମୃତ୍ୟୁ ଜିଣା ମହାମନ୍ତ୍ର ଧ୍ୟାୟି, 'ଜୟଗୁରୁ' ଜୟ ଗାଇ ।୦।

ଜୀବନର ଯେତେ କାଳ ଗଲା ହସି ଖେଳି
କର୍ମ ହେଲା ଶେଷ ଆସ, ଆସ ବେଗେ ଚଳି, ସର୍ବେ ଏକ ଇଚ୍ଛା ଧରି ।୧।

ନୁହଁ କେହି ପାପୀ ତାପୀ ସର୍ବେ ଭାଗ୍ୟବାନ
ଦେଉଛନ୍ତି ଡାକ, ଉଠ, ଜାଗ ଭଗବାନ, ଜାଗ ଅମୃତ ସନ୍ତାନ ।୨।

ନୟନେ ଲୋତକ ଭର, ଅନ୍ତରେ ଭକତି
ହାତେ ଅଶିଥିଳ ମୁଷ୍ଟି, ବାହୁରେ ଶକତି, ଧର ବଜ୍ର ଦୃଢ ମତି ।୩।

ବହୁମୂଲ୍ୟ ଉପଚାରେ ନାହିଁ ପ୍ରୟୋଜନ
ଥିଲେ ଆଣ ଦୁଃଖୀ ପାଇଁ ହୃଦେ ଏକ କୋଣ, ଥିଲେ ତିଳେ ହେଲେ ସ୍ଥାନ ।୪।

ନିଜେ ଅରଜିବା ଦ୍ରବ୍ୟେ କର ଅରଚନା
କଣ୍ଟା କି କୁସୁମ ହେଉ ନ କର ଶୋଚନା, ଖାଣ୍ଟି ହେଲେ ନାହିଁ ମନା ।୫।

ଅଛି ଯେବେ ତପ୍ତ ରକ୍ତ କି ସମବେଦନା
ଆସ ଧରି ଯିବା କରି ସଂଗ୍ରାମ ସାଧନା, ଏହି ଚରମ ସାଧନା ।୬।

ନାହିଁ ପରାଜୟ ଏଥି ନାହିଁ ଅପମାନ
ଅଜେୟ ଅସ୍ତ୍ର ଧାରଣେ ହୁଅ ଆଗୁଆନ, ତ୍ରିଭୁବନେ ବଳବାନ ।୭।

ଏକ ମନେ ଚାଲ ଭୟ ହୋଇବ ଖଣ୍ଡିତ
ବିଜୟ ଗୌରବେ ପଥ ହେଲାଣି ମଣ୍ଡିତ, ଗାଅ ବିଜୟ ସଙ୍ଗୀତ ।୮।